# "ଆଜିବି ପରିବାରର ସମସ୍ତ ଲୋକଙ୍କ ଆଖିରୁ ଲୁହ ଝରିବା ବନ୍ଦ ହୋଇନାହିଁ" !

ମୋର ନାମ ରାମଚନ୍ଦ୍ର ରାଉତ (ଛଦ୍ମନାମ) । ଘର ଜଗତସିଂହପୁର ଏରସମା ଅଞ୍ଚଳରେ । ଦୀର୍ଘଦିନ ଧରି ଆମ ପରିବାର କୁକୁଡ଼ା ଫାର୍ମ ବ୍ୟବସାୟ କରୁଛୁ । ଆମ ପରିବାର ସୁଖ ଦୁଃଖରେ ଚାଲୁଥିଲା । ୨୦୧୩ ମସିହାରେ ମୋର ଭାଇ ଆମ ଗାଁ ର ଗୋଟିଏ ଝିଅକୁ ପ୍ରେମ କରି ଘରୁ ଲୁଚିକି ପଳାଇଗଲା । ସେତେବେଳେ ତାକୁ ବୟସ ମାତ୍ର ୨୧ ବର୍ଷ ହୋଇଥିଲାବେଳେ ଝିଅକୁ ମାତ୍ର ୨୦ ବର୍ଷ ହୋଇଥିଲା । ତିନି ଚାରି ମାସ ପର୍ଯ୍ୟନ୍ତ ସେମାନଙ୍କର କୌଣସି ଖୋଜ୍ ଖବର ଆମେ ପାଇଲୁ ନାହିଁ । ଏହାପରେ ଧିରେ ଧିରେ ମନର ରାଗ ଶାନ୍ତ ହୋଇଯାଇଥିଲା । ତେଣୁ ପରିବାରର ସମସ୍ତ ସଦସ୍ୟ ବସି ଏହି ସିଦ୍ଧାନ୍ତରେ ଉପନିତ ହେଲୁଯେ, ପୁଅ ଝିଅଙ୍କୁ ଡାକି ସାମାଜିକ ଭାବରେ ସାମାଜିକ ସ୍ୱୀକୃତି ଦେଇ ବିବାହ କରାଇବା ପାଇଁ । ଯାହାବି ହେଉ ବହୁ ଆଡ଼ମ୍ବରରେ ବାଜା ବାଜି ବାଣ ଫୁଟି ଯଥା ରାବଣସ୍ୟ ମନ୍ତ୍ରପାଠ କରି ବିବାହ ହେଲା । ବିବାହର ପ୍ରାୟ ୨ ବର୍ଷ ପରେ ସମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ମାତ୍ର ଇଶ୍ୱର ନଅ ଦିନ ପରେ ତାକୁ ତାଙ୍କ କୋଳକୁ ନେଇ ଗଲେ କଟକ ଶିଶୁଭବନରୁ । ଏହାପରେ ଉପଯୁକ୍ତ ଚିକିତ୍ସା ଆମେ କରାଇଲୁନି ଏବଂ ଛୁଆ ମରିଗଲା ବୋଲି କହି ଭାଇର ଶ୍ୱଶୁରଘର ଲୋକ ଗାଁ ଦାଣ୍ଡରେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ୍ କରି ଝିଅକୁ ତାଙ୍କ ଘରକୁ ନେଇଗଲେ । କିଛି ଦିନ ପରେ ବାପା ବୋଉ ଏବଂ ପରିବାରର ସମସ୍ତ ବନ୍ଧୁ ବାନ୍ଧବ ଯେତେ ଚେଷ୍ଟା କଲେ ମଧ ଆଉ ଘରକୁ ଆସିଲେ ନାହିଁ । ଏପରିକି ଭାଇକୁ ତାର ସ୍ତ୍ରୀ କହିଲା ତୋତେ ବାହା ହୋଇ ମୁଁ ଏକ ଅକ୍ଷମଣୀୟ ଭୁଲ୍ କରିଛି । ତୁ ମଲେ ମୁଁ ବହୁତ୍ ଖୁସି ହେବି ।ଏହି କଥାକୁ ଶୁଣି ଭାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲା । ଶେଷରେ ତା-୩୧-୧୨-୨୦୧୫ରିଖ ଦିନ ସମଗ୍ର ବିଶ୍ୱ ନୂତନ ବର୍ଷର ଆନନ୍ଦ ମନାଉଥିଲା ବେଳେ ଭାଇ ଆତ୍ମହତ୍ୟା କରି ସବୁଦିନ ପାଇଁ ଆରପାରିକୁ ଚାଲିଗଲା । ଘରେ "ଆଜିବି ପରିବାରର ସମସ୍ତ ଲୋକଙ୍କ ଆଖିରୁ ଲୁହ ଝରିବା ବନ୍ଦ ହୋଇନାହିଁ" । ମାତ୍ର ଗତ ଜୁନ୍ ୨୦୧୬ ମସିହାରେ ବୋହୁ ଆମ ନାମରେ ଯୌତୁକ ନିର୍ଯ୍ୟାତନା ମାମଲାରେ ଏକ ମାମଲା ରୁଜୁ କରିଛି । ଧନ୍ୟ ଏ ଦେଶର ଆଇନ୍ ବ୍ୟବସ୍ଥା । ଧନ୍ୟ ଏ ଆଇନ୍ ତିଆରି କରୁଥିବା ବ୍ୟକ୍ତି ବିଶେଷ ଏବଂ ସବୁଠାରୁ ମହାନ୍ ଏ ଦେଶର ଜନସାଧାରଣ ଯେଉଁମାନେ ଏଭଳି ଏକ କଳାଆଇନ୍ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଲାଜକରୁଛନ୍ତି । ଏଠାରେ ଅଗଣିତ ଜନସାଧାରଣଙ୍କୁ ମୋର ପ୍ରଶ୍ନ ଯେ, ଏହା କଣ ଏକ ପୁରୁଷ ନିର୍ଯ୍ୟାତନାର ଜ୍ୱଳନ୍ତ ଉଦାହରଣ ନୁହେଁ କି........???


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।